بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୦ ଫେବୃଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟବାଦୀ ଦାସ ଯୁଗାବତାର ହଜରତ ମସିହ୍ ମଉଦ[ଅ.ସ]ଙ୍କ ଈଶ୍ୱରଭକ୍ତିର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଗତକାଲି ଠାରୁ ପବିତ୍ର ରମଜାନ ମାସ ଆରମ୍ଭ ହୋଇଯାଇଛି, ଉପବାସର ଏହି ମାସକୁ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଆମମାନଙ୍କୁ ବିଶେଷ ଭାବରେ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଓ ନିଜ ଆଧ୍ୟାତ୍ମିକ ସଂସ୍କାର କରିବା ସକାଶେ ଯୋଗାଇ ଦେଇଛନ୍ତି । ଅଲ୍ଲାଃତାଲା ଏହି ମାସରୁ ପ୍ରତ୍ୟେକ ଅହମଦିକୁ ଅଧିକରୁ ଅଧିକ ଉପକୃତ ହେବା ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । କିନ୍ତୁ ସର୍ବଦା ଏକଥା ସ୍ମରଣ ରଖିବା ଉଚିତ୍ ଯେ ଆମେମାନେ ପ୍ରକୃତ ପକ୍ଷେ ଏହି ମାସରୁ ସେତେବେଳେ ଉପକୃତ ହୋଇପାରିବା ଯେତେବେଳେ ରମଜାନ ମାସ ପରେ ମଧ୍ୟ ଈଶ୍ୱରପ୍ରେମ ଓ ଉପାସନାର ସ୍ତରକୁ ବଜାୟ ରଖିବା, ବରଂ ତାହାକୁ ଅଧିକ ଉର୍ଦ୍ଧ୍ୱଗାମୀ କରିବାକୁ ଚେଷ୍ଟା କରିବା । ଆଉ ନିଜ ଜନ୍ମ ହେବାର ଉଦ୍ଦେଶ୍ୟକୁ ସାର୍ଥକ କରିବା ଅର୍ଥାତ୍ ଚରିତ୍ରାର୍ଥ କରିବା । ବିଗତ କିଛି ଖୁତ୍‌ବା ଜୁମାରେ ମୁଁ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ଈଶ୍ୱରପ୍ରେମ ଓ ଉପାସନାର ପଦ୍ଧତି ତଥା ତାହାର ସ୍ତର ସମ୍ବନ୍ଧରେ ବର୍ଣ୍ଣନା କରିବା ସହିତ ବିଶ୍ୱାସକାରୀଙ୍କୁ ଏଥି ମୁତାବକ କାର୍ଯ୍ୟକାରୀ କରିବାକୁ ଉପଦେଶ ଦେଇ ଆସୁଅଛି । ପୁନଶ୍ଚ ମହାଭାଗଙ୍କ ନିଷ୍ଠାବାନ ଦାସ ହଜରତ ମସିହ ମଉଦ[ଅ.ସ] ନିଜ ପ୍ରିୟ ମୁନିବଙ୍କ ଅନୁପମ ଆଦର୍ଶର ଅନୁକରଣ କରିବା ସମ୍ବନ୍ଧିତ ଘଟଣାବଳୀର ଆଲୋଚନା କରିଥିଲି । ତେବେ ଏହି କ୍ରମିକତା ଏଯାବତ୍ ଅବ୍ୟାହତ ରହିଛି ଓ ଆଜି ମଧ୍ୟ ପବିତ୍ର ରମଜାନ ମାସ ପରିପ୍ରେକ୍ଷୀରେ କିଛି କଥା ବର୍ଣ୍ଣନା କରିବି ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; କେବଳ ଏତିକି ନୁହେଁ, ଯେ ଆମେମାନେ ଏହି ଘଟଣାବଳୀକୁ ଶୁଣିନେବା ଓ ଖୁସି ହୋଇଯିବା, ବରଂ ଏହା ଆମମାନଙ୍କ ସକାଶେ ମାର୍ଗଦର୍ଶକ ସାବ୍ୟସ୍ତ ହେବା ଉଚିତ୍ । ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ହଜରତ ମସିହ ମଉଦ[ଅ.ସ]ଙ୍କର ଘଟଣାବଳୀ ଯାହାକି ମୌଲବୀ ମୁହମ୍ମଦ ଅବ୍ଦୁଲ୍ଲାଃ ବଟାଲଓ୍ୱୀ ସାହେବ[ର.ଅ]ଙ୍କ ବର୍ଣ୍ଣିତ ଏକ ଘଟଣା ମାଧ୍ୟମରେ ବର୍ଣ୍ଣନା କରନ୍ତି; ହଜରତ ମସିହ ମଉଦ[ଅ.ସ]ଙ୍କର ନିଜ ପାଳନକର୍ତ୍ତା ସହିତ ସମ୍ପର୍କ, ଧର୍ମନିଷ୍ଠତା, ପବିତ୍ରତା ଓ ଉପାସନା ପ୍ରତି ଉତ୍କଣ୍ଠା ଆଦି ବୈଶିଷ୍ଟ୍ୟ ଉପରେ ଆଲୋକପାତ ହୋଇଥାଏ । ତେଣୁ ମୁଁ (ଅର୍ଥାତ୍ ହୁଜୁର ଅନଓ୍ୱର[ଅ.ବ]) ତାହାର ଆଲୋଚନା କରିବା ଜରୁରୀ ମନେ କରୁଅଛି । ଅମତୁର୍ ରହେମାନ୍ ସାହେବା ବର୍ଣ୍ଣନା କରନ୍ତି, ଏକଦା ହଜରତ ମସିହ ମଉଦ[ଅ.ସ] ଓ ହଜରତ ଅମ୍ମାଜାନ୍ ସାହେବା ପରୀକ୍ଷା କରିବାକୁ ମନସ୍ଥ କଲେ ଯେ, ଦେଖିବା ଆଖି ବନ୍ଦ କରି କାଗଜରେ ଲେଖି ପାରିବା କି ନାହିଁ । ସୁତରାଂ ହଜରତ ମସିହ ମଉଦ[ଅ.ସ] ଏକ କାଗଜ ଧରି ଏକ ଧାଡ଼ି ଲେଖିଲେ, ଯାହାର ପ୍ରତିଟି ଶବ୍ଦ ମୋର ମନେଅଛି । ହୁଜୁର[ଅ.ସ] ଆଖି ବନ୍ଦ କରି ଏହା ଉଲ୍ଲେଖ କରିଥିଲେ, **ଯେ ମନୁଷ୍ୟକୁ ଆବଶ୍ୟକ ସେ ପ୍ରତି ମୁହୂର୍ତ୍ତରେ ନିଜ ସୃଷ୍ଟିକର୍ତ୍ତାଙ୍କୁ ଭୟ କରୁଥାଉ ଓ ପାଞ୍ଚ ବେଳା ତାଙ୍କ ଶ୍ରୀଛାମୁରେ ଦୁଆ କରୁଥାଉ** । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅତଃ ଏହା ସେହି ସ୍ତର, ଯାହାକୁ ପ୍ରାପ୍ତ କରିବା ପାଇଁ ପୂଣ୍ୟଶ୍ଳୋକ ସର୍ବଦା ନିଜ ଅନୁଗାମୀମାନଙ୍କୁ ଉପଦେଶ ଦେଉଥିଲେ । ହୁଜୁର[ଅ.ସ] ଏଥିପ୍ରତି ସର୍ବଦା ମଧ୍ୟ

ଚିନ୍ତିତ ରହୁଥିଲେ, ଯେ ମୋର ଅନୁଗାମୀ, ବରଂ ପ୍ରତ୍ୟେକ ବିଶ୍ୱାସକାରୀ ଓ ପ୍ରତ୍ୟେକ ବ୍ୟକ୍ତି ପ୍ରତିକ୍ଷଣ ଈଶ୍ୱରଭୟକୁ ନିଜ ଅନ୍ତରରେ ଉଜ୍ଜୀବିତ ରଖୁ ଏବଂ ସେ ସର୍ବଦା ସେହି ମହାପ୍ରଭୁଙ୍କର ଉପାସନା କରିବାକୁ ମନୋଯୋଗ କରୁ ।

ଏହିପରି ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଆଉ ଏକ ଘଟଣା ଚର୍ଚ୍ଚା କରିଛନ୍ତି, ଯେ ମିଆଁ ଅବ୍ଦୁଲ୍ଲାଃ ସାହେବ ସନଓ୍ୱରୀ[ର.ଅ] ବର୍ଣ୍ଣନା କରନ୍ତି; ହଜରତ ମସିହ ମଉଦ[ଅ.ସ] ୧୮୮୪ମସିହାରେ ସ୍ଥିର କଲେ ଯେ କାଦିୟାନ ବାହାରେ ଯାଇ ଚିଲ୍ଲା (ଗୋଟିଏ ସ୍ଥାନରେ ଏକାଗ୍ରଚିତ୍ତରେ ତପ) କରିବା ଓ ଭାରତ ବର୍ଷର ଭ୍ରମଣ ମଧ୍ୟ କରିବା । ପ୍ରଥମେ ତ ହୁଜୁର[ଅ.ସ] ଜିଲ୍ଲା ଗୁରୁଦାସପୁର୍ ସ୍ଥିତ ସୁଜାନ୍‌ପୁର ଯାଇ ଏକ ନିଛାଟିଆ ସ୍ଥାନରେ ଚିଲ୍ଲା କରିବାକୁ ସ୍ଥିର କରିଥିଲେ । କିନ୍ତୁ ପରେ ଐଶ୍ୱୀବାଣୀ ହେଲା ତୁମ ଉଦ୍ଦେଶ୍ୟ ହୋଶିଆର୍‌ପୁରରେ ହିଁ ପୂରଣ ହେବ । ଅତଏବ ୧୮୮୬ମସିହା ଜାନୁଆରୀ ମାସରେ ହୁଜୁର[ଅ.ସ] ହୋଶିଆର୍‌ପୁର ଅଭିମୁଖେ ପ୍ରସ୍ଥାନ କରିବା ପୂର୍ବରୁ ମୋତେ କାଦିୟାନ ଡ଼କାଇ ପଠାଇଲେ ଏବଂ ଶେଖ୍ ମେହେର୍ ଅଲ୍ଲୀ ସାହେବ ଯିଏକି ହୋଶିଆର୍‌ପୁରର ଜଣେ ଧନାଢ଼୍ୟ ବ୍ୟକ୍ତି ଥିଲେ, ତାଙ୍କୁ ପତ୍ର ଲେଖିଲେ- ମୁଁ ଦୁଇ ମାସ ପାଇଁ ହୋଶିଆର୍‌ପୁର ଆସିବାକୁ ଚାହୁଁଛି । ତେଣୁ ଆପଣ ମୋ ପାଇଁ ସହରର ଏକ ପାର୍ଶ୍ୱରେ ଅବସ୍ଥିତ ଏକ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକାରେ ରହିବାର ବ୍ୟବସ୍ଥା କରନ୍ତୁ । ଅତଏବ ସେ ନିଜର **ତବେଲା** ନାମକ ଏକ ଅଟ୍ଟାଳିକା ଖାଲି କରିଦେଲେ । ହୁଜୁର[ଅ.ସ] ବ୍ୟାସ୍ ନଦୀ ମାର୍ଗରେ ଯାତ୍ରା କଲେ ଓ ପୁଣ୍ୟଶ୍ଲୋକଙ୍କ ସାଥିରେ ମିଆଁ ଅବ୍ଦୁଲ୍ଲାଃ ସନଓ୍ୱରୀ ସାହେବ, ଶେଖ୍ ହାମିଦ୍ ଅଲୀ ଓ ଫତେଃ ଖାନ୍ ଆଦି ରହିଥିଲେ । ପୁଣ୍ୟଶ୍ଲୋକ ଦରିଆ ପାରି ହେବା ନିମନ୍ତେ ନୌକାରେ ବସିଲେ ଯେତେବେଳେ ନୌକା ଆଗକୁ ବଢ଼ି ଚାଲିଥିଲା ସେତେବେଳେ ହୁଜୁର[ଅ.ସ] କହିଲେ; **ମିଆଁ ଅବ୍ଦୁଲ୍ଲାଃ ! ସିଦ୍ଧପୁରୁଷର ସଙ୍ଗତ ଏହି ଦରିଆ ପାରି ହେବା ସଦୃଶ ଯହିଁରେ ଦରିଆ ପାରି ହୋଇ ଯିବାର ଆଶା ରହିଛି ଓ ବୁଡି ଯିବାର ମଧ୍ୟ ଆଶଙ୍କା ରହିଛି ।** ସେ କୁହନ୍ତି, ସେତେବେଳେ ମୁଁ ହୁଜୁର[ଅ.ସ]ଙ୍କର ଏହି କଥାକୁ ଏକ ସାଧାରଣ କଥା ଭାବେ ମନେ କରିଥିଲି । କିନ୍ତୁ ଯେତେବେଳେ ଫତେଃ ଖାନ୍ ପଥଭ୍ରଷ୍ଟ ହେଲା ସେତେବେଳେ ମୋତେ ହୁଜୁର[ଅ.ସ]ଙ୍କର ସେହି କଥା ମନେ ପଡିଲା ।

ହୁଜୁର[ଅ.ସ] ହାତ ଲେଖାର ଏକ ଘୋଷଣା ପ୍ରକାଶିତ କରାଇଲେ ଯେ ଚାଳିଶ ଦିନ ପର୍ଯ୍ୟନ୍ତ କୌଣସି ବନ୍ଧୁ ମୋତେ ସାକ୍ଷାତ କରିବାକୁ ଆସିବେ ନାହିଁ, ଆଉ ନା କେହି ମୋତେ ଖାଇବାକୁ ନିମନ୍ତ୍ରଣ କରିବେ । ଏହି ଚାଳିଶ ଦିନ ପରେ ମୁଁ ଅତିରିକ୍ତ କୋଡ଼ିଏ ଦିନ ଏଠାରେ ଅବସ୍ଥାନ କରିବି ସେହି ଅବଧି ମଧ୍ୟରେ (ଲୋକମାନେ ମୋ ସହିତ) ସାକ୍ଷାତ କରିବା ସହିତ ପ୍ରଶ୍ନଉତ୍ତର ମଧ୍ୟ କରିପାରିବେ । ହୁଜୁର[ଅ.ସ] ଆମମାନଙ୍କୁ ଆଦେଶ ଦେଲେ ଗୃହର ଦ୍ୱାରକୁ ସର୍ବଦା ଜଞ୍ଜିର ଲଗାଇ ରଖିବ ଏବଂ ମୋତେ କେହି ଡ଼ାକିବ ନାହିଁ, ଆଉ ନା ଉପର ମହଲାକୁ କେହି ଆସିବ । ମୁଁ ନିଜ କୋଠରୀରେ ହିଁ ନମାଜ ପାଠ କରିବି, ହଁ ନମାଜ୍ ଜୁମା ପାଠ କରିବା ସକାଶେ ଏକ ନିର୍ଜନ ମସଜିଦ୍‌ର ସନ୍ଧାନ କର ଯାହାକି ସହରର ଏକ ପ୍ରାନ୍ତରେ ଅବସ୍ଥିତ ଥିବ । ଯେଉଁସ୍ଥଳେ ଆମେ ନମାଜ୍ ଜୁମା ପାଠ କରିପାରିବା । ଏକଦା ହୁଜୁର[ଅ.ସ] ମୋତେ କହିଲେ; ମିଆଁ ଅବ୍ଦୁଲ୍ଲାଃ ! ଏହି ଦିନଗୁଡ଼ିକରେ ମୋ ଉପରେ ଅଲ୍ଲାଃତାଲାଙ୍କ ବହୁତ ବଡ଼ ବଡ଼ କୃପାଶୀଷର ଦ୍ୱାର ଉନ୍ମୁକ୍ତ କରାଗଲା ଏବଂ କେତେକ ସମୟରେ ସର୍ବଶକ୍ତିମାନ ଅଲ୍ଲାଃ ମୋ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ବାର୍ତ୍ତାଳାପ କଲେ । ଯଦି ତାହାକୁ ଉଲ୍ଲେଖ କରାଯାଏ ତେବେ ତାହା ଅନେକ ପୃଷ୍ଠାରେ ସମ୍ବଳିତ (ପୁସ୍ତକ) ପାଲଟି ଯିବ । ଅତଏବ ମିଆଁ ଅବ୍ଦୁଲ୍ଲାଃ ସାହେବ କୁହନ୍ତି; ସେହି ପିସ୍‌ରେ ମଉଦ୍ (ବିଶିଷ୍ଟ ପୁତ୍ରର ପ୍ରତିଶୃତ) ସମ୍ପର୍କିତ ଦୈବିବାଣୀ ମଧ୍ୟ ଏହି ଚିଲ୍ଲାରେ ହୁଜୁର[ଅ.ସ]ଙ୍କୁ ହୋଇଥିଲା । **ବସ୍ତୁତଃ ଚିଲ୍ଲା କରିବା ପରେ ହୁଜୁର[ଅ.ସ] ହୋଶିୟାର୍‌ପୁରରେ ହିଁ ଉକ୍ତ ଭବିଷ୍ୟତ ବାଣୀର ଘୋଷଣା କରିଥିଲେ ।**

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ୧୮୮୬ମସିହ ଫ୍ରେବୃଆରୀ ମାସ ୨୦ତାରିଖ ପତ୍ରିକା ଯାହାକି ଆମ ଜମାଅତରେ 'ପେଶ୍‌ଗୋଈ ମୁସଲେହ୍ ମଉଦ୍' ନାମରେ ସୁପ୍ରସିଦ୍ଧ । ଏହା ମଧ୍ୟ ଏକ ବିଶେଷ ସଂଯୋଗ ଯେ ଆଜି ୨୦ଫ୍ରେବୃଆରୀ ଓ ପିସ୍‌ରେ ମଉଦ୍ ସଂକ୍ରାନ୍ତୀୟ ଭବିଷ୍ୟତ ବାଣୀ ବେଶ ଭବ୍ୟତାର ସହିତ ପୂରଣ ହେବାର ଦିବସ । ସେହି ମହାନ ପୁତ୍ର ଯିଏକି ଭବିଷ୍ୟତ ବାଣୀ ଅନୁଯାୟୀ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ୫୨ବର୍ଷିୟ

ଖିଲାଫତ୍ କାଳ ଯହିଁରେ ପରାକ୍ରମୀ ଅଲ୍ଲାଃତାଲା ତାଙ୍କୁ ଅନେକ ସଫଳତା ଓ କୃତୀତ୍ୱ ପ୍ରଦାନ କରିଥିଲେ । ସେ ସମସ୍ତ ଭବିଷ୍ୟତ ବାଣୀ, ଦୈବିବାଣୀ ଓ କଥନ ଯାହାକି 'ମୁସଲେହ୍ ମଉଦ୍' ସମ୍ବନ୍ଧରେ ଭବିଷ୍ୟତ ବାଣୀ କରାଯାଇଥିଲା, ତାହା ହଜରତ ମୁସଲେହ୍ ମଉଦର.ଅଙ୍କ ଠାରେ ପୂରଣ ହୋଇଥିଲା । ଏହାକୁ ମୁଁ ସଂଯୋଗ ଏଥିପାଇଁ କହୁଅଛି କାରଣ ଏହି ଘଟଣା ଆଜି ମୋ ମନରେ ଉଦ୍ରେକ ହେଲା, ନଚେତ ପୂର୍ବେ ଅବା ପରବର୍ତ୍ତୀ ସମୟରେ ବି (ଉଦ୍ରେକ) ହୋଇପାରିଥା'ନ୍ତା । କିନ୍ତୁ ବିଧାତାଙ୍କର ଏଥିରେ କୌଣସି ରହସ୍ୟ ରହିଛି, ଯେ ଆଜିର ଦିନରେ ଏଥିପ୍ରତି (ମୋର) ଧ୍ୟାନ କେନ୍ଦ୍ରିତ କରାଗଲା ଯଦ୍ୱାରା କି ମୁଁ ତାହା ଆଲୋଚନା କରିଦେବି । ଏହି ପରିପ୍ରେକ୍ଷୀରେ ଆମ ଜମାଅତମାନଙ୍କରେ ଜଲ୍‌ସା ମଧ୍ୟ ଅନୁଷ୍ଠିତ ହେଉଅଛି ଏବଂ ଏତଦ୍ ଦ୍ୱାରା ଆମକୁ ଇତିହାସ ସଂକ୍ରାନ୍ତରେ ସୂଚନା ମଧ୍ୟ ମିଳିଥାଏ । ଏହି ପରିପ୍ରେକ୍ଷୀରେ ଏମ୍.ଟି.ଏ.ରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସାରଣ କରାଯାଉଛି । ସେଥିରୁ ମଧ୍ୟ ଇତିହାସର ଖବର ମିଳିଥାଏ, ସେଗୁଡ଼ିକୁ ଦେଖିବା ଉଚିତ୍ ।

ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ସେତେବେଳେ ଫତେଃ ଖାନ୍ ବିଶ୍ୱାସକାରୀ ଥିଲା ଓ କହୁଥିଲା ଯେ ମୁଁ ହଜରତ ମସିହ ମଉଦଅ.ସଙ୍କୁ ନବୀ ମନେ କରୁଅଛି ଯେତେବେଳେ କି ହୁଜୁରଅ.ସ ନବୀ ହେବାର ଘୋଷଣା ବି କରି ନଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସେ ବିପଥଗାମୀ ପାଲଟିଗଲା । ଏହି ପରିପ୍ରେକ୍ଷୀରେ ପ୍ରିୟ ହୁଜୁର ଅନଓ୍ୱରଅ.ବ ଆମମାନଙ୍କ ଧ୍ୟାନ ଆକର୍ଷିତ କରି କହିଲେ; ତେଣୁ ମନୁଷ୍ୟକୁ ନିଜ ଉତ୍ତମ ପରିଣାମ ପାଇଁ ସର୍ବଦା ଦୁଆ କରିବା ସହିତ ନିଜ ବିଶ୍ୱାସର ଦୃଢ଼ତା ନିମନ୍ତେ ଉଦ୍ୟମ ଜାରି ରଖିବା ଉଚିତ୍ । ବିଶେଷ କରି ପବିତ୍ର ରମଜାନ ମାସର ଏହି ବିଶେଷ ଦିନମାନଙ୍କରେ ପ୍ରତ୍ୟେକଙ୍କୁ ଏହି ଦୁଆ କରିବା ଉଚିତ୍ ଯେ, **ଅଲ୍ଲାଃତାଲା ମୋର ପରିଣାମ ମଙ୍ଗଳମୟ କରନ୍ତୁ ଓ ମୋ ବିଶ୍ୱାସକୁ ସୁଦୃଢ଼ କରନ୍ତୁ** ।

ମହାମାନ୍ୟ ହୁଜୁର ଅନଓ୍ୱରଅ.ବ କହିଲେ; ଏହିପରି ନମାଜ୍ ପାଠ କରିବା ପ୍ରସଙ୍ଗରେ ହୁଜୁରଅ.ସଙ୍କର ଆଉ ଏକ ଘଟଣା ଉଲ୍ଲେଖ ରହିଛି । ଅନେକ ଲୋକ ପ୍ରଶ୍ନ କରି ଦେଇଥାନ୍ତି ଯେ, ନମାଜ୍ ପାଠ କରିବା ସମୟରେ ହାତ କିପରି ରଖିବୁ ଓ ନମାଜ୍‌ରେ ଭିନ୍ନ ଭିନ୍ନ ଆସନ କେମିତି କରିବୁ ? ମିଆଁ ଅଲୀ ମୁହମ୍ମଦ ସାହେବ ହଜରତ ମସିହ ମଉଦଅ.ସଙ୍କ ନମାଜ୍ ପାଠ କରିବାର ଶୈଳୀର ବର୍ଣ୍ଣନା କରିଛନ୍ତି, ଯେ ଏକଦା ମୁଁ ହୁଜୁରଅ.ସଙ୍କୁ ସୁନ୍ନତ୍ ନମାଜ୍ ପାଠ କରୁଥିବାର ଦେଖିଲି । ହୁଜୁରଅ.ସ ନିଜ ପବିତ୍ର ହାତ ନାଭି ଉପରକୁ ବାନ୍ଧି ଥିଲେ ଏବଂ ଦକ୍ଷିଣ ହସ୍ତର ମଝି ଆଙ୍ଗୁଳି ବାମ ହସ୍ତର କହୁଣୀ ପର୍ଯ୍ୟନ୍ତ ପ୍ରସାରିତ ରହିଥିଲା ଅବା କିଂଚିତ ପଛକୁ ରହିଥିଲା । ଆଉ ସଜ୍‌ଦାଃ କରିବା ସମୟରେ ଦୁଇ ହସ୍ତ ମଧ୍ୟରେ ନିଜର ମଥା ରଖିଥିଲେ । ନାସିକା ଭୂମି ସହିତ ସଂଲଗ୍ନ ରହିଥିଲା ଓ ଆଙ୍ଗୁଳିଗୁଡ଼ିକ କାବା ଦିଗ ଆଡ଼କୁ ସଳଖ ରହିଥିଲା । ଯେତେବେଳେ ହୁଜୁର ସଜ୍‌ଦାଃରୁ ଉଠୁଥିଲେ ସେତେବେଳେ ଯେହେତୁ ହୁଜୁରଅ.ସଙ୍କ ପବିତ୍ର ପଗଡି ଢ଼ିଲା ଥିଲା, ତେଣୁ ତାହା ପଛକୁ ଖସି ଯାଉଥିଲା ଓ ହୁଜୁର ତାହାକୁ ଆଙ୍ଗୁଳିରେ ସିଧା କରି ଦେଉଥିଲେ ଅର୍ଥାତ୍ ଆଗକୁ କରି ଦେଉଥିଲେ ।

ହଜରତ ମାଷ୍ଟର ନଜୀର୍ ହୁସେନ୍ ସାହେବ ହୁଜୁରଅ.ସଙ୍କ ତହ୍‌ଜୁଦ୍ ନମାଜ୍ ପାଠ କରିବାର ଅବସ୍ଥା ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି, ଯେ ଏକଦା ରାତ୍ରୀର ତିନି ଘଟିକା ସମୟରେ ମୁଁ ଦେଖିଲି ହୁଜୁରଅ.ସ ନମାଜ୍ ପାଠ କରୁଛନ୍ତି । ସୁତରାଂ ମୁଁ ମଧ୍ୟ ଓ୍ୱଜୁ କରି ହୁଜୁରଅ.ସଙ୍କ ପଛରେ ସାମାନ୍ୟ ବ୍ୟବଧାନ ରଖି ନମାଜ୍ ପାଠ କରିବାକୁ ଲାଗିଲି ଏବଂ ବହୁତ ଚେଷ୍ଟା କଲି ଯେ ହୁଜୁରଅ.ସଙ୍କ ପରି କ୍ୟାମ୍ (ଦଣ୍ଡାୟମାନ) ଅବା ରୁକୁ ଅବା ସଜ୍‌ଦାଃ କରିବି । କିନ୍ତୁ କରିପାରିଲି ନାହିଁ, କେବଳ ଦୁଇ ରେକାତ୍ ପାଠ କରି ମୁଁ ଭୀଷଣ ରୂପେ ଥକି ପଡିଲି । ଆଉ ହୁଜୁର ଏବେ ବି ସେହି ରେକାତ୍ ପାଠ କରୁଥିଲେ ଯହିଁରେ ମୁଁ ତାଙ୍କ ସହିତ ସାମିଲ ହୋଇଥିଲି । ସେ କୁହନ୍ତି; ଦିନରେ ଯେତେବେଳେ ଆମେ ହୁଜୁରଅ.ସଙ୍କ ନିକଟରେ ବସିଥିଲୁ ଓ ହୁଜୁର ଲୋକମାନଙ୍କୁ ତହ୍‌ଜୁଦ୍ ନମାଜ୍ ପାଠ କରିବାକୁ ଉପଦେଶ ଦେଉଥିଲେ ସେତେବେଳେ ଏହି ବିନୀତ ହୁଜୁରଅ.ସଙ୍କୁ ପ୍ରଶ୍ନ କଲା ଯେ, ଯଦି ତହ୍‌ଜୁଦ୍ ନମାଜ୍ ପାଠ ନକରିପାରୁ ତେବେ ଅତି

କମ୍‌ରେ କ'ଣ କରିବୁ ? ଏଥିରେ ହୁଜୁରଅ.ସ କହିଲେ; **ସେତେବେଳେ ଅତ୍ୟଧିକ ମାତ୍ରାରେ କ୍ଷମାଯାଚନା କର, ବହୁଳ ଭାବରେ ଈଶ୍ୱରଙ୍କ ଗୁଣଗାନ ଓ ଜପ କର ।** ତାହା ଆସନ୍ତାରେ ତହ୍‌ଜୁଦ୍ ନମାଜ୍ ପାଠ କରିବାରେ ସହାୟକ ହୋଇପାରେ ।

ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ମନେରଖନ୍ତୁ ହୁଜୁରଅ.ସ ଏ ଯେଉଁ ଦୁଆ ପାଠ କରିବାକୁ ଶିକ୍ଷା ଦେଇଛନ୍ତି, ତାହା ତହ୍‌ଜୁଦ୍ ନମାଜ୍‌ର ବିକଳ୍ପ ନୁହେଁ । ବରଂ ଏଥିପାଇଁ ଶିକ୍ଷା ଦେଲେ ଯେ ଏତଦ୍ ଦ୍ୱାରା ଆସନ୍ତାରେ ନମାଜେ ତହ୍‌ଜୁଦ୍ ପାଠ କରିବାକୁ ସାମର୍ଥ୍ୟ ଲାଭ ହେବ । ସୁତରାଂ ଏହା ସେହି ସୂତ୍ର, ଯାହାକୁ ଆମେ (ଏଥିରେ) ଅବହେଳା କରିବା ଦିନରେ ଆପଣାଇବା ଉଚିତ୍ । ଆଜିକାଲି ଆମେମାନେ ପବିତ୍ର ରମଜାନ ମାସ ମଧ୍ୟ ଦେଇ ଅତିକ୍ରମ କରୁଅଛେ । ଏଥିରେ କିଛି ନା କିଛି ନମାଜେ ତହ୍‌ଜୁଦ୍ ପାଠ କରିବାକୁ ତ ସୌଭାଗ୍ୟ ମିଳିଯାଇଥାଏ, ଯଦି ନମିଳେ ତେବେ ଚେଷ୍ଟା କରିବା ଉଚିତ୍ । ଯଦିଚ ତରାଓ୍ୱୀ ନମାଜ୍ ପାଠ କରାଯାଇଥାଏ ଓ ଏହା ତହ୍‌ଜୁଦ୍‌ର ବିକଳ୍ପ କିନ୍ତୁ ଏପରି ବିକଳ୍ପ ନୁହେଁ, ଯାହାକି ତହ୍‌ଜୁଦ୍ ନମାଜ୍‌ର ସମ୍ପୂର୍ଣ୍ଣ ଭରଣ କରିଦେଇଥାଏ । ତେଣୁ ଯେଉଁ ଲୋକମାନେ ସଅଳ ଉଠିପାରି ନଥା'ନ୍ତି ସେମାନଙ୍କୁ ଏକଥା ସ୍ମରଣ ରଖିବା ଉଚିତ୍ । ଦେଖ ! ପବିତ୍ର ଅବତାର ହଜରତ ମୁହମ୍ମଦସ.ଅଙ୍କ ସୁନ୍ନତ୍ ଓ ମହାଭାଗଙ୍କ ନିଷ୍ପାପର ଦାସଙ୍କର ତ ଏହି କାର୍ଯ୍ୟଶୈଳୀ ଥିଲା, ଯେ ରାତିରୁ ଉଠି ତହ୍‌ଜୁଦ୍ ନମାଜ୍ ପାଠ କରୁଥିଲେ । ତେଣୁ ଯଦି ତରାଓ୍ୱୀ ପାଠ କରିନିଅନ୍ତି ତଥାପି ଚେଷ୍ଟା କରନ୍ତୁ ଯେ ଅତି କମ୍‌ରେ ଦୁଇ ଅବା ଚାରି ରେକାତ୍ ହିଁ ନଫିଲ୍ ନମାଜ୍ ଅର୍ଥାତ୍ ନମାଜେ ତହ୍‌ଜୁଦ୍ ନିଶ୍ଚୟ ପାଠ କରିନେବି ।

ପରିଶେଷରେ ହୁଜୁର ଅନଓ୍ୱରଅ.ବ କହିଲେ; ସଂସାର ବୈରାଗୀ ହେବା ମଧ୍ୟ ବୈଧ ନୁହେଁ । ଅଲ୍ଲାଃତାଲା ଯେଉଁ ପୁରସ୍କାର ପ୍ରଦାନ କରିଛନ୍ତି, ସେଗୁଡ଼ିକରୁ ଉପକୃତ ମଧ୍ୟ ହୁଅନ୍ତୁ । ପ୍ରତ୍ୟେକଙ୍କୁ ନିଜ ଅବସ୍ଥା ପ୍ରତି ନଜର ରଖିବା ଉଚିତ୍, ନା କି ସଂସାରରେ ମାତିଯିବା । ଆଉ ନା ସଂସାର ବୈରାଗୀ ପାଲଟିଯିବା, ନା ବରଂ ସଂସାରର କର୍ତ୍ତବ୍ୟ ସମ୍ପାଦନ କରିବା ଏବଂ ଏକ ସମୁଚିତ ଇସଲାମୀୟ ଶିକ୍ଷାର ପାଳନ କରିବା ଉଚିତ୍ । ଖୁତ୍‌ବା ସାନିଯ୍ୟା ପୂର୍ବରୁ ମହାମହିମ ହୁଜୁର ଅନଓ୍ୱରଅ.ବ ପବିତ୍ର ରମଜାନ ମାସରେ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବା, ଅତ୍ୟାଚାରିତ ଅହମଦିମାନଙ୍କ ଓ ଅଲ୍ଲାଃଙ୍କ ମାର୍ଗରେ କାରାବରଣ ଭୋଗ କରୁଥିବା ତଥା ମୁସଲମାନ ସମ୍ପ୍ରଦାୟ ଏବଂ ବିଶ୍ୱବାସୀ ଧ୍ୱଂସ ମୁଖରୁ ରକ୍ଷା ପାଇବା ନିମନ୍ତେ ବିଶେଷ ଦୁଆ କରିବାକୁ ଆହ୍ୱାନ ଦେଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

20th February 2026

*Translated to Odia by :* Moulavi Anwar Ahmad Khan